দାୟାଦମାନଙ୍କ ମାଧ୍ୟମରେ ଏସ୍. କେ. ପଟ୍ଟନାୟକ (ମୃତ) ।

ବନାମ

ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ ।

ଡିସେମ୍ବର 14, 1999

[ଡଃ ଏ. ଏସ୍. ଆନନ୍ଦ, ମୁଖ୍ୟ ନ୍ୟାୟାଧୀଶ, ଏମ୍. ଜଗନ୍ନାଧ ରାଓ ଏବଂ ଭି. ଏନ୍. ଖରେ, ନ୍ୟାୟାଧୀଶଦ୍ୱୟ]

*ଅବକାରୀ ଆଇନ:*

*ବିହାର ଏବଂ ଓଡ଼ିଶା ଅବକାରୀ ଅଧିନିୟମ 1915:*

*ଧାରା 27 ଏବଂ 28 – ଅବକାରୀ ଶୁଳ୍କ ଏବଂ ପ୍ରତିସନ୍ତୁଳନ ଶୁଳ୍କ – ଭାରତରେ ପ୍ରସ୍ତୁତ ବିଦେଶୀ ମଦ ଉପରେ କରଧାର୍ଯ୍ୟ ଶୁଳ୍କ - ଓଡ଼ିଶା ରାଜ୍ୟକୁ ଆମଦାନୀ - ଲାଇସେନ୍ସପ୍ରାପ୍ତ ଚୁକ୍ତିବଦ୍ଧ ମାଲଗୋଦାମରେ ଗଚ୍ଛିତ – ମହଜୁଦ ଦ୍ରବ୍ୟ ଅବକ୍ଷୟ ହୋଇଗଲା ଏବଂ ମାନବ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଗଲା ଏବଂ ନଷ୍ଟ ହୋଇଗଲା – ପ୍ରତିସନ୍ତୁଳନ ଶୁଳ୍କ ଦାବି – କୁହାଗଲା, ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଥିଲା - ଯେହେତୁ ଉତ୍ପାଦନ ଶୁଳ୍କ କିମ୍ବା ପ୍ରତିସନ୍ତୁଳନ ଶୁଳ୍କ ଆକର୍ଷିତ କରିବା ପାଇଁ ଉତ୍ପାଦନ ଶୁଳ୍କ ଯୋଗ୍ୟ ଦ୍ରବ୍ୟର ଉତ୍ପାଦନ କିମ୍ବା ରାଜ୍ୟକୁ ଆମଦାନୀ ଟିକସଯୋଗ୍ୟ ଘଟଣା ଅଟେ,, ଟିକସଯୋଗ୍ୟ ଘଟଣା ଘଟିବା ମାତ୍ରେ ଆନୁଷଙ୍ଗିକ ଶୁଳ୍କ ମୂଲ୍ୟ ଦେୟ ଆକର୍ଷିତ ହୁଏ ଏବଂ ଏହି ଅଧିନିୟମ କିମ୍ବା ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମାବଳୀ ଅଧୀନରେ ଶୁଳ୍କ ଆଦାୟ ସ୍ଥଗିତ ରଖିବା କିମ୍ବା ଆଦାୟର ସୁବିଧା, ଆମଦାନୀ ହୋଇଥିବା ଦ୍ରବ୍ୟ ଉପରେ ଧାର୍ଯ୍ୟ ହେଉଥିବା ଆନୁଷଙ୍ଗିକ ଶୁଳ୍କକୁ କୌଣସି ପ୍ରକାରେ ପ୍ରଭାବିତ କରିପାରିବ ନାହିଁ – ପ୍ରକୃତ ତଥ୍ୟ ଏହିକି ଯେ ମଦକୁ ମାନବ ବ୍ୟବହାର ପାଇଁ ଅନୁପଯୁକ୍ତ ବୋଲି ଉପସ୍ଥାପନ କରାଯାଇଥିଲା ଏବଂ ଆମଦାନୀ ପରେ ତାହାକୁ ନଷ୍ଟ କରିଦିଆଯାଇଥିଲା, ଯାହା କି କରଧାର୍ଯ୍ୟ ଶୁଳ୍କ ଆଦାୟକୁ ଆକର୍ଷିତ କରିଥିଲା, ଯ'ଦ୍ୱାରା ଚୁକ୍ତିବଦ୍ଧ ମାଲଗୋଦାମରେ ଆମଦାନୀ ପରେ ଟିକସଯୋଗ୍ୟ ଦ୍ରବ୍ୟ ଉପରେ ଆବେଦନକାରୀଙ୍କୁ ଶୁଳ୍କ ଦେୟରୁ ମୁକ୍ତ କରିପାରିଲା ନାହିଁ ।*

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4160/1995 ।

ମୂଳ ଅଧିକାରିତା ମାମଲା ସଂଖ୍ୟା 3977/91 ରେ କଟକଠାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 2.12.1994 ରିଖ ରାୟ ତଥା ଆଦେଶରୁ)

ଉପସ୍ଥିତ ପକ୍ଷମାନଙ୍କ ତରଫରୁ ଜୟନ୍ତ ଦାସ, ଏ. ଏନ୍. ଦାସ, ଉଦୟ କୁମାର, ରାଜୀବ ଦତ୍ତ ଏବଂ ରାଜ କୁମାର ମେହେଟ୍ଟା ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ 2 ଡିସେମ୍ବର, 1994 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ବିଚାରପୀଠଙ୍କ ରାୟ ତଥା ଆଦେଶ ବିରୁଦ୍ଧରେ ନିର୍ଦ୍ଦେଶିତ ।

ବର୍ତ୍ତମାନର ଆବେଦନକୁ ଉତ୍ଥାପିତ କରିଥିବା ସଂକ୍ଷିପ୍ତ ତଥ୍ୟଗୁଡ଼ିକ ନିମ୍ନରେ ପ୍ରଦତ୍ତ ।

ଆବେଦନକାରୀ ଓଡ଼ିଶା ରାଜ୍ୟକୁ ଭାରତରେ ତିଆରି ବିଦେଶୀ ମଦ ଆମଦାନୀ କରିଥିଲେ ଏବଂ ଏହାକୁ ଏକ ଲାଇସେନ୍ସପ୍ରାପ୍ତ ଚୁକ୍ତିବଦ୍ଧ ମାଲଗୋଦାମରେ ସଂରକ୍ଷଣ କରିଥିଲେ ଯେଉଁଠାରୁ ମଦ ବିକ୍ରୟ ପାଇଁ ମୁକ୍ତ କରାଯିବାର ଥିଲା । ମଦ ଗୋଦାମରେ ଗଚ୍ଛିତ ଥିବାବେଳେ, ଆମଦାନୀ ହୋଇଥିବା ମହଜୁଦ ଦ୍ରବ୍ୟର ଏକ ଅଂଶ ଅବକ୍ଷୟ ହୋଇଥିଲା ଏବଂ ମାନବ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଥିଲା । ତେଣୁ ସେହି ମହଜୁଦ ଦ୍ରବ୍ୟ ନଷ୍ଟ କରାଯାଇଥିଲା । ମହଜୁଦ ଦ୍ରବ୍ୟ ଉପରେ 10.02.182 ଟଙ୍କାର ପ୍ରତିସନ୍ତୁଳନ ଶୁଳ୍କ ପ୍ରଦାନ କରିବା ପାଇଁ ଆବେଦନକାରୀଙ୍କୁ ଏକ ନୋଟିସ୍ ଜାରି କରାଯାଇଥିଲା । ପ୍ରତିସନ୍ତୁଳନ ଶୁଳ୍କ ଦାବିର ବୈଧତାକୁ ଆପତ୍ତି କରି ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଏକ ରିଟ୍ ପିଟିସନର ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଦ୍ୱାରା ଶୁଣାଣି ହୋଇଥିଲା । ଦୃଢ଼ୋକ୍ତି କରାଯାଇଥିଲା ଯେ ଯେହେତୁ ମାଲଗୋଦାମରେ ମହଜୁଦ ମଦ "ନଷ୍ଟ" ହୋଇଯାଇଥିଲା, ପ୍ରତିସନ୍ତୁଳନ ଶୁଳ୍କ ଧାର୍ଯ୍ୟ କରାଯାଇପାରିବ ନାହିଁ । ଦୁଇଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ସମ୍ମୁଖରେ *ପି. ଡି. ଜୈନ ବନାମ ଓଡ଼ିଶା ରାଜ୍ୟ,* ଓ.ଜେ.ସି. ସଂଖ୍ୟା 2241/1999 ମାମଲାରେ 11.05.1992 ରେ ନିର୍ଣ୍ଣିତ ରାୟ ଉପରେ ନିର୍ଭରଶୀଳତା ରଖାଯାଇଥିଲା, ଯାହାକୁ 20.9.1993 ରେ ନିର୍ଣ୍ଣିତ ମାମଲା *ମୋହନ ମିକିନ୍ସ ଲିମିଟେଡ ବନାମ ଓଡ଼ିଶା ରାଜ୍ୟ* , ଓ.ଜେ.ସି. ସଂଖ୍ୟା 1971/1991 ରେ ଅନୁସରଣ କରାଯାଇଥିଲା । ଦୁଇଜଣିଆ ନ୍ୟାୟାଧୀଶଙ୍କ ଖଣ୍ଡପୀଠ ଅନୁଭବ କଲେ ଯେ ଉପରୋକ୍ତ ଦୁଇଟି ନିଷ୍ପତ୍ତିକୁ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ସେହି ଅନୁଯାୟୀ ପୂର୍ଣ୍ଣ ବିଚାରପୀଠକୁ ବିଚାରାର୍ଥେ ପ୍ରେରଣ କରାଯାଇଥିଲା ଏବଂ ଏହିପରି ଭାବରେ ପୂର୍ଣ୍ଣ ବିଚାରପୀଠଙ୍କ ଦ୍ୱାରା ଏହି ମାମଲାର ନିଷ୍ପତ୍ତି ନିଆଯାଇଥିଲା ।

ପକ୍ଷମାନଙ୍କ ତରଫର ଶ୍ରୀମାନ ଓକିଲଙ୍କୁ ଶୁଣିଲୁ ।

"ଉତ୍ପାଦନ ଶୁଳ୍କ" ଏବଂ "ପ୍ରତିସନ୍ତୁଳନ ଶୁଳ୍କ" ବେଶ୍ ଜଣାଶୁଣା ବିଷୟ ଏବଂ ବିଭିନ୍ନ ପରିସ୍ଥିତିରେ ଆକର୍ଷିତ ହୁଅନ୍ତି । "ଉତ୍ପାଦନ ଶୁଳ୍କ" ହେଉଛି ଦ୍ରବ୍ୟର ଉତ୍ପାଦନ ଉପରେ ଏକ ଶୁଳ୍କ, ଏବଂ ଟିକସଯୋଗ୍ୟ ଘଟଣା ହେଉଛି ଶୁଳ୍କଯୋଗ୍ୟ ଦ୍ରବ୍ୟର ଉତ୍ପାଦନ । "ପ୍ରତିସନ୍ତୁଳନ ଶୁଳ୍କ", ଅପର ପକ୍ଷରେ, ଉତ୍ପାଦନ ଶୁଳ୍କକୁ ପ୍ରତିସନ୍ତୁଳନ କରିବା ପାଇଁ, ଶୁଳ୍କଯୋଗ୍ୟ ଦ୍ରବ୍ୟ ରାଜ୍ୟକୁ *ଆମଦାନୀ* କରାଗଲାବେଳେ ଧାର୍ଯ୍ୟ କରାଯାଇଥାଏ, ଯାହା ସମାନ ଦ୍ରବ୍ୟ ଉପରେ, ଯଦି ରାଜ୍ୟ ମଧ୍ୟରେ ଉତ୍ପାଦିତ ହୋଇଥାଏ, କରଧାର୍ଯ୍ୟ ଯୋଗ୍ୟ ହୋଇଥାଏ । ଯେତେଦୂର ପ୍ରତିସନ୍ତୁଳନ ଶୁଳ୍କ ସମ୍ବନ୍ଧିତ, ରାଜ୍ୟରେ ପ୍ରବେଶ କରିବା ସମୟରେ ଟିକସଯୋଗ୍ୟ ଦ୍ରବ୍ୟ ଆମଦାନୀ ଉପରେ ଧାର୍ଯ୍ୟ ଶୁଳ୍କ ଆନୁଷଙ୍ଗିକ ଥାଏ ।

ବିହାର ଏବଂ ଓଡ଼ିଶା ଅବକାରୀ ଅଧିନିୟମ, 1915 ର ଧାରା 27 (ଏହାପରେ 'ଅଧିନିୟମ' କୁହାଯିବ) ଆମଦାନୀ, ରପ୍ତାନି, ପରିବହନ ଏବଂ ଉତ୍ପାଦନ ଉପରେ ଶୁଳ୍କ ଧାର୍ଯ୍ୟ କରିବା ପାଇଁ ରାଜ୍ୟର କ୍ଷମତା ଉପରେ ଆଲୋକପାତ କରେ । ଏହି ଧାରାଟି ଉଭୟ ଉତ୍ପାଦନ ଶୁଳ୍କ ଓ ପ୍ରତିସନ୍ତୁଳନ ଶୁଳ୍କ ପାଇଁ ମୂଲ୍ୟ ଧାର୍ଯ୍ୟ କରିବା ଧାରା ଅଟେ । ଅନ୍ୟପକ୍ଷରେ ଅଧିନିୟମର ଧାରା 28 ରେ ଶୁଳ୍କ କରଧାର୍ଯ୍ୟ କରିବାର ଉପାୟମାନ ପ୍ରଦାନ କରାଯାଇଛି ଯାହା ଧାରା 27 ଅଧୀନରେ ଧାର୍ଯ୍ୟ କରାଯାଇପାରିବ । ଧାରା 28 ଅଧିନିୟମର ଧାରା 27 ଅଧୀନରେ ବିଭିନ୍ନ ଉପାୟରେ ଶୁଳ୍କ ଆଦାୟ କରିବାର ପଦ୍ଧତିକୁ ବର୍ଣ୍ଣନା କରେ । ଯଦିଓ ଟିକସଯୋଗ୍ୟ ଘଟଣା ପରିଦୃଷ୍ଟ ହେବା ମାତ୍ରେ ପ୍ରତିସନ୍ତୁଳନ ଶୁଳ୍କ କିମ୍ବା ଉତ୍ପାଦନ ଶୁଳ୍କ ଆକଳନ ଏବଂ ଆଦାୟ କରିବାର ଆବଶ୍ୟକତା ରହିଛି, ଚୁକ୍ତିବଦ୍ଧ ମାଲଗୋଦାମରୁ ଟିକସଯୋଗ୍ୟ ଜିନିଷ ରାଜ୍ୟକୁ ଆମଦାନୀ ପରେ ବିକ୍ରୟ କ୍ଷେତ୍ରରେ ଧାରା 28 ଅଧୀନରେ ଉତ୍ପାଦନ ଶୁଳ୍କ ଆଦାୟକୁ ସ୍ଥଗିତ ରଖିବା ପାଇଁ ଏକ ସୁବିଧା ପରିକଳ୍ପନା କରାଯାଇଛି ।

ଯଦିଓ 'କରଧାର୍ଯ୍ୟ' ଅଭିବ୍ୟକ୍ତି ଉଭୟ କରାଧାନ ପ୍ରକ୍ରିୟା ତଥା ଟିକସ କିମ୍ବା ଧାର୍ଯ୍ୟ ଶୁଳ୍କ ପରିମାଣର ନିର୍ଦ୍ଧାରଣକୁ ଅନ୍ତର୍ଭୁକ୍ତ କରିପାରେ, 'ଆଦାୟ' ଅଭିବ୍ୟକ୍ତି ଦେୟ ଶୁଳ୍କ କିମ୍ବା ଟିକସର ପ୍ରକୃତ ଆଦାୟକୁ ସୂଚିତ କରେ, ସ୍ଥିତି ଯେ'ପରି ହେଉଥାଉ । ଯେହେତୁ ଉତ୍ପାଦନ ଶୁଳ୍କ କିମ୍ବା ପ୍ରତିସନ୍ତୁଳନ ଶୁଳ୍କ ଆକର୍ଷିତ କରିବା ପାଇଁ ଟିକସଯୋଗ୍ୟ ଘଟଣା, ରାଜ୍ୟକୁ ଉତ୍ପାଦନ ଶୁଳ୍କ ଯୋଗ୍ୟ ସାମଗ୍ରୀର ଉତ୍ପାଦନ କିମ୍ବା ଆମଦାନୀ ଅଟେ, ଟିକସଯୋଗ୍ୟ ଘଟଣା ଘଟିବା ମାତ୍ରେ ଆନୁଷଙ୍ଗିକ ଶୁଳ୍କ ମୂଲ୍ୟ ଆକର୍ଷିତ ହୁଏ ଏବଂ ଏହି ଅଧିନିୟମ କିମ୍ବା ଏହା ଅଧୀନରେ ପ୍ରସ୍ତୁତ ହୋଇଥିବା ନିୟମାବଳୀ ଅଧୀନରେ ଶୁଳ୍କ ଆଦାୟ ସ୍ଥଗିତ ରଖିବାର ସୁବିଧା, ଆମଦାନୀ ହୋଇଥିବା ଦ୍ରବ୍ୟ ଉପରେ ଆନୁଷଙ୍ଗିକ ଶୁଳ୍କକୁ କୌଣସି ପ୍ରକାରରେ ପ୍ରଭାବିତ କରିପାରିବ ନାହିଁ ।

ପ୍ରସଙ୍ଗଟିର ଏହି ଦୃଷ୍ଟିକୋଣରୁ ମାମଲାର ପ୍ରତିଷ୍ଠିତ ତଥ୍ୟ ତଥା ପରିସ୍ଥିତିରେ ଆବେଦନକାରୀଙ୍କଠାରୁ ପ୍ରତିସନ୍ତୁଳନ ଶୁଳ୍କ ଦାବି ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଥିଲା । ପ୍ରକୃତରେ ମଦକୁ ମାନବ ବ୍ୟବହାର ପାଇଁ ଅନୁପଯୁକ୍ତ କରାଯାଇଥିଲା ଏବଂ *ଆମଦାନୀ* ପରେ, ଏହାକୁ ନଷ୍ଟ କରାଯାଇଥିଲା, ଯାହା କି କରଧାର୍ଯ୍ୟକୁ ଆକର୍ଷିତ କରିଥିଲା, ଯ'ଦ୍ୱାରା ଚୁକ୍ତିବଦ୍ଧ ମାଲଗୋଦାମରେ ଆମଦାନୀ ପରେ ଶୁଳ୍କଯୋଗ୍ୟ ଦ୍ରବ୍ୟ ଉପରେ ଆବେଦନକାରୀଙ୍କୁ ଶୁଳ୍କ ଦେୟରୁ ମୁକ୍ତ କରିପାରିଲା ନାହିଁ । ଉଚ୍ଚ ନ୍ୟାୟାଳୟଙ୍କ ପୂର୍ଣ୍ଣ ବିଚାରପୀଠ, ତେଣୁ, ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଦାବି ପ୍ରତି ଆପତ୍ତିରେ କୌଣସି ଯୋଗ୍ୟତା ନାହିଁ ବୋଲି ମତ ଦେବାରେ ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ଥିଲେ । ଏହି ଆବେଦନର କୌଣସି ଯୋଗ୍ୟତା ନାହିଁ । ଏହା, ତଦନୁସାରେ, ବିଫଳ ହେଉଛି ଏବଂ କିନ୍ତୁ ଖର୍ଚ୍ଚ ବାବଦରେ ବିନା କୌଣସି ଆଦେଶରେ ଖାରଜ କରାଗଲା ।

R.P. ଆବେଦନ ଖାରଜ କରାଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**